


## ସଂକ୍ଷେପରେ

### ରାସ୍ତାକଡ଼ରେ ପ୍ରସବ

ଭଦ୍ରକ ଅଫିସ, ୨୧।୧୦- ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ରାସ୍ତାକଡ଼ରେ ଜଣେ ଗର୍ଭବତୀ ପ୍ରସବ କରିଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ମହିଳା ଜଣକ ଧାମନଗର ପୋଷ୍ଟ ଅଫିସ ଛକ ନିକଟରେ ଗର୍ଭ ଯନ୍ତ୍ରଣା ଅନୁଭବ କରିବାରୁ ସେହି ସ୍ଥାନରେ ହିଁ ତାଙ୍କ ସମ୍ପର୍କୀୟା ପ୍ରସବ କରାଇଥିଲେ। ତେବେ ସ୍ଥାନୀୟ ଲୋକେ ଏନେଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣାଇବା ପରେ ମେଡିକାଲ କର୍ମଚାରୀ ଷ୍ଟ୍ରେଚର ଯୋଗେ ମହିଳାଙ୍କୁ ମେଡିକାଲକୁ ନେଇଥିଲେ। ଉଭୟ ମା' ଓ ନବଜାତକ ପୁତ୍ରର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ସୂଚନା ଦେଇଛନ୍ତି।

### ବୃଦ୍ଧାଙ୍କୁ ହତ୍ୟା ଅଭିଯୋଗ

ଭଦ୍ରକ ଅଫିସ, ୨୧।୧୦- ଭଦ୍ରକ ଜିଲା ତିହିଡ଼ି ଥାନା ଅଧିନ ହାଟୁଆରୀ ଗାଁରେ ବୁଧବାର ଚନ୍ଦନୀ ମହାଳିକ ନାମ୍ନୀ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା (ନଂ.୩୮୩/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ଶ୍ୱଶୁର ଘର ସମ୍ପର୍କୀୟ ମାନେ ସମ୍ପତ୍ତି ହାତେଇବା ପାଇଁ ବାରମ୍ବାର ବିଭିନ୍ନ ସମୟରେ ଝଗଡ଼ା କରିବା ସହ ସମ୍ପତ୍ତି ଦଲିଲ କରିବା ପାଇଁ ବାଧ କରୁଥିଲେ ଏବଂ ହତ୍ୟା ଧମକ ଦେଉଥିଲେ ବୋଲି ଚନ୍ଦନୀଙ୍କ କକା ପୁଅ ପ୍ରତାପ ମହାଳିକ ଥାନାରେ ଏତଲା ଦାଏର କରିଛନ୍ତି। ମୃତଦେହରେ ବିଭିନ୍ନ କ୍ଷତଚିହ୍ନ ଥିବା ବେଳେ ସାଇଣ୍ଟିଫିକ ଟିମ୍ ଦ୍ୱାରା ଅଧିକ ତଦନ୍ତ କରାଯିବ ବୋଲି ଥାନାଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି।

### ନଦୀରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

ବେତନଟୀ,୨୧।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବର୍ତ୍ତନା ଗ୍ରାମର ହରେକୃଷ୍ଣ ବିନ୍ଧାଣୀଙ୍କ ସ୍ତ୍ରୀ ତାରାମଣି ମଙ୍ଗଳବାର ପୂର୍ବାହ୍ନରେ ନିକଟସ୍ଥ ବୁଢ଼ାବଳଙ୍ଗ ନଦୀ ଘାଟକୁ ଗାଧୋଇବା ପାଇଁ ଯାଇ ନିଖୋଜ ଥିଲେ। ଗୁରୁବାର ବାଲେଶ୍ୱର ସଦର ଥାନା ଅଧୀନ ପରଖି ଫାଣ୍ଡି ଅଞ୍ଚଳରୁ ତାଙ୍କ ମୃତଦେହକୁ ସଦର ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ତାରାମଣିଙ୍କ ନିଖୋଜ ସମ୍ପର୍କରେ ତାଙ୍କ ପୁଅ ବଡ଼ସାହି ଥାନାରେ ଏତଲା ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ ସମେତ ଓଡ୍ରାଫ୍ ଟିମ ତାଙ୍କ ସନ୍ଧାନ ପାଇଁ ଖୋଜାଖୋଜି ଜାରି ରଖିଥିଲେ।

### ୪ ମଦ ବେପାରୀ ଗିରଫ

ବେତନଟୀ,୨୧।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବେତନଟୀ ଅବକାରୀ ଥାନା ପୋଲିସ ୪ ମଦବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁଡୁରୁବନି ଗ୍ରାମର ପାର ହେମ୍ବ୍ରମ ଓ କାର୍ତ୍ତିକ ବିନ୍ଧାଣୀ ଏବଂ କଦ୍ମାଶୋଲ ଗ୍ରାମର କାଳୀଚରଣ ବିନ୍ଧାଣୀ ଓ ପିରୁ ହେମ୍ବ୍ରମ। ସେମାନଙ୍କୁ କଦ୍ମାସୋଲ ହାଟରୁ ଗିରଫ କରାଯାଇଛି। ଏନେଇ ଅବକାରୀ ଥାନାରେ ୪ଟି ମାମଲା ରୁଜୁ ହୋଇଛି।

# କେସିପୁରରେ ବ୍ୟାପିଲା ଝାଡ଼ାବାନ୍ତି

**ସଜନାଗଡ଼, ୨୧।୧୦(ଡି.ଏନ.ଏ.)**

### ଗଲାଣି ୩ ଜୀବନ, ସ୍ୱାସ୍ଥ୍ୟ ଟିମ୍‌ର ଚିକିତ୍ସା ଆରମ୍ଭ

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ କେସିପୁର ପଞ୍ଚାୟତର ଟୁଲୁଙ୍କଡାବ ଗ୍ରାମରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ମାତ୍ର କିଛି ଦିନ ମଧ୍ୟରେ ଝାଡ଼ାବାନ୍ତିରେ ପଡ଼ି ୩ଜଣଙ୍କର ମୃତ୍ୟୁ ଘଟିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଆଦିବାସୀ ବହୁଳ ଟୁଲୁଙ୍କଡାବ ଗାଁରେ ବସବାସ କରୁଥିବା କିଛି ପରିବାର ସଦସ୍ୟ ମାସକ ପୂର୍ବରୁ ଅସୁସ୍ଥ ହୋଇପଡ଼ିଥିଲେ। ଜଣକ ପରେ ଜଣେ ଅସୁସ୍ଥ ହୋଇ ନୀଳଗିରି, ବରହମପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। କିଛିଦିନ ମଧ୍ୟରେ ଉକ୍ତ ଗ୍ରାମର ଟୁକିଲ ପଲେଇ (୬୫), ସଞ୍ଜୟ ବିଶ୍ୱାଳ (୧୮), ଚୁଡ଼ାମଣି ପଡ଼ିଆର (୪୭) ଝାଡାବାନ୍ତିରେ ଆକ୍ରାନ୍ତ ହେବା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ ସ୍ୱାସ୍ଥ୍ୟ ବିଭାଗ ଗ୍ରାମରେ ଝାଡାବାନ୍ତି ବ୍ୟାପିଥିବା ମାନିଥିବା ବେଳେ ଝାଡାବାନ୍ତି ଯୋଗୁ ମୃତ୍ୟୁ ନୁହେଁ, ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବା କହିଛି। ଜିଲା ସ୍ୱାସ୍ଥ୍ୟ ବିଭାଗରୁ ଏକ ଟିମ୍ ଓ ବରହମପୁର ମେଡିକାଲ ଅଫିସର ସୁରଜ ଜେନା, ବେତକଟା ମେଡିକାଲ ଅଫିସର ପଙ୍କଜ ଭୋଳ, ଷ୍ଟାଫନର୍ସ, ଆଶା ଦିଦି, ଏଏନ୍ଏମ୍‌ଙ୍କ ସହିତ ଗୁରୁବାର ଉକ୍ତ ଗ୍ରାମରେ ପହଞ୍ଚିଥିଲେ। ଲୋକେ ଗାଁ ପାଖ ଦେଇ ବୋହିଯାଇଥିବା ନଦୀପାଣି ବ୍ୟବହାର କରିବା, ବାସନ ଧୋଇବା, ଗାଧୋଇବା ଆଦି କାର୍ଯ୍ୟ କରୁଥିବାରୁ ଝାଡାବାନ୍ତି ହୋଇଥାଇପାରେ ବୋଲି ଅନୁମାନ କରାଯାଇଛି। ଏଥିସହ ନଳକୂପ ଓ ନଦୀ ପାଣି ନମୁନା ନେବା ସହ ଗ୍ରାମରେ ଔଷଧ, ବ୍ଲିଚିଂ ପାଉଡର ବଣ୍ଟନ କରାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଉକ୍ତ ଅଞ୍ଚଳରୁ ଅସ୍ଥାୟୀ ଭାବେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ। ପାଣିର ନମୁନା ପରୀକ୍ଷା ହୋଇ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି । ସେହିପରି ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଗତ ୧୯ ତାରିଖରେ ବରହମ୍ପୁର ମେଡ଼ିକାଲରେ ଝାଡାବାନ୍ତି ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ଗୁରୁବାର ସୁସ୍ଥ ହୋଇ ଘରକୁ ଫେରିଥିବା ଡା. ସୁରଜ ଜେନା ସୂଚନା ଦେଇଛନ୍ତି।


ଟୁଲୁଙ୍କଡାବ ଗ୍ରାମରେ ସ୍ୱାସ୍ଥ୍ୟ ଟିମ୍।

# ମେଲୋଡ଼ି ସିଙ୍ଗର ଡାଡି

**ଯୁବ ଗୋଷ୍ଠୀଙ୍କ ଆକର୍ଷଣ**

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୨୧।୧୦**

ଦୀର୍ଘ ୨୦ ବର୍ଷ ହେଲା ସଙ୍ଗୀତ ସହିତ ଯୋଡ଼ି ରହିଛନ୍ତି ପ୍ରକାଶ ପାଢ଼ୀ। ଡାକ ନାଁ ତାଙ୍କର ଡାଡୀ । ଏହି ନାମରେ ରହିଛି ତାଙ୍କର ଗ୍ରୁପ ଡାଡୀ-ମିକ୍ସ । ବୟସ ହେବ ୪୪। ସଙ୍ଗୀତ କ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିଥିବା ଡାଡୀ ପ୍ରୋତ୍ସାହନ ଓ ସୁଯୋଗ ଅଭାବରୁ ଆଗେଇ ପାରି ନ ଥିବାରୁ ମନରେ ଦୁଃଖ ରହିଯାଇଛି। କଳାର ମୂଲ୍ୟ ଯଦିଓ କେହି ଦେଇ ପାରିବେ ନାହିଁ ତେବେ ଆଜିକାର ଯୁଗରେ ଜଣେ କଳାକାର ନିଜକୁ ପ୍ରତିଷ୍ଠା କରିବା ସୁବିଧାଜନକ ନୁହେଁ ବୋଲି କୁହନ୍ତି। ଭଲ ଗୀତଟିଏ ଗାଇଲେ ମିଳୁଥିବା ପ୍ରଶଂସା ଶୁଣିଲେ ସେ ସମୟରେ ମନ ଉତଫୁଲ୍ଲିତ ହୋଇଉଠେ। ସେଥିରେ ବେଶୀ ଆନନ୍ଦ ମିଳିଥାଏ ବୋଲି ସେ କୁହନ୍ତି।

କରୋନା ସମୟରେ ନିଜ ଉଦ୍ୟମରେ ସଚେତନତା ଭିଡିଓ ସଙ୍ଗୀତ ପ୍ରସ୍ତୁତ କରି ସମସ୍ତଙ୍କ ପ୍ରଶଂସନୀୟ ହୋଇଛନ୍ତି । ଯଦିଓ ବିଭିନ୍ନ ପ୍ରକାରର ଗୀତ ଗାଇଥାନ୍ତି ତେବେ ବିଶେଷ କରି ସେ ହେଉଛନ୍ତି ଯୁବପିଢିଙ୍କ ପ୍ରଥମ ପସନ୍ଦ। ସେ ମେଳା, ମହୋତ୍ସବ, ପ୍ରଦର୍ଶନୀ ତଥା ମେଲୋଡିରେ ୨୦ ବର୍ଷରୁ ଅଧିକ ସମୟ ହେଲା ଗୀତ ଗାଇଆସୁଛନ୍ତି। ଭଜନ, ଆଧୁନିକ, ଶାସ୍ତ୍ରୀୟ ତଥା ସିନେମା ସଙ୍ଗୀତ ଆଦି ଲୋକପ୍ରିୟ ଗୀତ ଗାନ କରି ଆସୁଛନ୍ତି । ଅଭାବ ଅନଟନ ମଧ୍ୟରେ ଥିଲେ ହେଁ କଳାକୁ ଛାଡି ପାରୁ ନ ଥିବା ଡାଡୀ, ଟିକିଏ ସମ୍ମାନ ଓ ପ୍ରଶଂସା ପାଇଁ ବଞ୍ଚି ରହିଛନ୍ତି ବୋଲି କୁହନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଗୀତ ଗାଇଛନ୍ତି। ନିଜେ ମଧ ଗୀତ ରଚନା କରିଥାନ୍ତି ଓ ଗାଇଥାନ୍ତି । ବହୁ ନାମୀଦାମୀ ସଙ୍ଗୀତଜ୍ଞ ଓ ଗାୟକଙ୍କ ଭଳି ମିମିକ୍ରି କରି ଗାଇଥାନ୍ତି । ଓଡ଼ିଆ, ହିନ୍ଦିରେ ଏକ ହଜାରରୁ ଅଧିକ ଗୀତ ଗାଇବା ସହ ଏବେ ରେକର୍ଡ ଟ୍ରାକରେ ମଧ ଗୀତ ଗାଇ ପାରଦର୍ଶିତା ଲାଭ କରିପାରିଛନ୍ତି । } ଗୀତ ସାଙ୍ଗକୁ କୋରିଓଗ୍ରାଫିରେ ତାଙ୍କର ଦକ୍ଷତା ସେ ଷ୍ଟେଜରେ ଦେଖାଇଥାନ୍ତି। କେନ୍ଦୁଝର ପୁରୁଣା ସହରର ସୁର ଝଙ୍କାର ମେଲୋଡିରେ କାମ ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ କଟକର ସଙ୍ଗୀତ ଧୂମ, ଅନୁଗୋଳର ସୁର ସଙ୍ଗୀତ ତଥା ତାଳଚେରର ସଙ୍ଗୀତ ସଙ୍ଗୀତ ଭଳି ବହୁ ନାମୀଦାମୀ ମେଲୋଡି ଗ୍ରୁପରେ ବଛା ବଛା କଳାକାରଙ୍କ ସହିତ କାମ କରିବାର ସୁଯୋଗ ପାଇଛନ୍ତି। ପିଲାବେଳଠୁଁ ନୃତ୍ୟଗୀତ ପ୍ରତି ଆକୃଷ୍ଟ ହୋଇ ଏବଂ ପରବର୍ତ୍ତୀ ସମୟରେ ପ୍ରଭୁଦେବା ଓ ମାଇକେଲ ଜାକସନଙ୍କୁ ଆଦର୍ଶ ମନେ କରି ନିଜକୁ ଗଢିଆସୁଥିବା ଡାଡୀ ଅର୍ଥାଭାବରୁ ନୃତ୍ୟ କିମ୍ବା ସଂଗୀତ ଶିକ୍ଷା ଲାଭ କରିପାରି ନ ଥିଲେ। ନିଜ ଉଦ୍ୟମ ଓ ଅଧବସାୟ ବଳରେ ଟିଭି ଓ ସିନେମା ଦେଖି ସେସବୁ ନୃତ୍ୟଗୀତକୁ ଅନୁକରଣ କରି ନିଜକୁ ପ୍ରତିଷ୍ଠିତ କରିପାରିଥିବା କୁହନ୍ତି ।



# ଡକାଗଲା ଅଭିଭାବକ ବୈଠକ

**ଚମ୍ପୁଆ,୨୧।୧୦(ଡି.ଏନ.ଏ)**

ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ନେଇ ସରକାରଙ୍କ ନିର୍ଦ୍ଦେଶ ପରେ ଗୁରୁବାର ସରସ୍ୱତୀ ଶିଶୁମନ୍ଦିର ଠାରେ ଅଭିଭାବକ ଓ ପରିଚାଳନା କମିଟି ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପରିଚାଳନା ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ସଦାନନ୍ଦ ଦେହୁରୀ, ଅଜିତ ରାମ ଓ ବିଭୂତି ବଡପଣ୍ଡା ସମେତ ବହୁ ଅଭିଭାବକ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଧରଣିଧର ଦାସ ଅଷ୍ଟମ ଶ୍ରେଣି ଖୋଲିବା ନେଇ ସରକାରଙ୍କ ଗାଇଡଲାଇନ ସମ୍ବନ୍ଧରେ ସୂଚନା ଦେବା ସହିତ ଅଭିଭାବକ ମାନଙ୍କ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ୨୫ ତାରିଖରେ ଖୋଲିବାକୁ ଥିବା ଅଷ୍ଟମ ଶ୍ରେଣୀ ପାଇଁ ସାନିଟାଇଜ ବ୍ୟବସ୍ଥା, ଛାତ୍ରୀଛାତ୍ର ମାସ୍କ ପିନ୍ଧି ବିଦ୍ୟାଳକୁ ପ୍ରବେଶ, ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ନ ପଠାଇବା, ଶ୍ରେଣୀଗୃହରେ ଶିକ୍ଷାଦାନ ବ୍ୟବସ୍ଥା ଆଦି ଉପରେ ଆଲୋଚନା କରାଯାଇଥିଲା। ଅଭିଭାବକ ମାନେ ନିଜ ମତାମତ ଦେବାକୁ ଯାଇ ଅନଲାଇନ ଶିକ୍ଷା ଅପେକ୍ଷା ଶ୍ରେଣୀ ଶିକ୍ଷା ଅତ୍ୟନ୍ତ ଆବଶ୍ୟକ ବୋଲି ମତ ଦେବା ସହିତ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

# ବେଆଇନ କ୍ରଶର ୟୁନିଟ୍‌ରେ ଚଢ଼ାଉ

**ସଜନାଗଡ଼, ୨୧।୧୦(ଡି.ଏନ.ଏ.)**

### ଲକ୍ଷାଧିକ ଟଙ୍କାର ପଥର ଜବତ

ବାଲେଶ୍ୱର ଜିଲା ନୀଳଗିରି ତହସିଲ୍ ଜାମୁଡ଼ିଆ ପଞ୍ଚାୟତ ସ୍ୱର୍ଣ୍ଣଚୂଡ଼ ସଂରକ୍ଷିତ ଜଙ୍ଗଲ ନିକଟରେ ଚାଲିଥିବା ବେଆଇନ କ୍ରଶର ଉପରେ ଗୁରୁବାର ନୀଳଗିରି ତହସିଲଦାର ପୋଲିସ ଫୋର୍ସ ସହଯୋଗରେ ଚଢ଼ାଉ କରିଥିଲେ। ବେଆଇନ କ୍ରଶରକୁ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଚଢାଉ ବେଳେ ଲକ୍ଷାଧିକ ଟଙ୍କାର ଚିପ୍ସ ଓ ପଥର ଜବତ କରାଯାଇଛି।

୨୦୨୦ ମାର୍ଚ୍ଚରେ ରାଜସ୍ୱ ବିଭାଗ କ୍ରସର ୟୁନିଟରେ ଚଢ଼ାଉ କରି ଲାଲ୍ ପତାକା ଝୁଲାଇଥିଲେ। ସେହି ସମୟରେ ଠିକ୍ କାଗଜପତ୍ର ପାଇଁ ନୋଟିସ୍ ଜାରି ହୋଇଥିବା ବେଳେ କ୍ରଶର ୟୁନିଟ୍ ପକ୍ଷରୁ ୩ ମାସ ସମୟ ମଗାଯାଇଥିଲା। ହେଲେ ନିର୍ଦ୍ଦିଷ୍ଟ ସମୟରେ କ୍ରଶର ମାଲିକ କୌଣସି କାଗଜପତ୍ର ଦାଖଲ କରିପାରି ନ ଥିଲେ। ପୁଣି କ୍ରଶର ୟୁନିଟ୍ ଚାଲିବାରୁ ଏନେଇ ଅଞ୍ଚଳବାସୀ ଅଭିଯୋଗ କରିଆସୁଥିଲେ। ତେବେ ଅଭିଯୋଗକୁ କ୍ରଶର ଲିଜ୍‌ଧାରୀ ମାଲିକ ଖଣ୍ଡନ କରୁଥିବା ବେଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

# ରରୁଆଁ ଥାନା ଆଗରେ ବିକ୍ଷୋଭ



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭାଜପା ନେତା ଓ ମହିଳା ମୋର୍ଚ୍ଚାର କର୍ମକର୍ତ୍ତାମାନେ।

**ଠାକୁରମୁଣ୍ଡା,୨୧।୧୦(ଡି.ଏନ.ଏ.)**

### ମହିଳାଙ୍କୁ ଉଠାଇ ନେଇ ଗଣବଳାତ୍କାର ଘଟଣା

ଲିଫ୍ଟ ଦେବା ବାହାନାରେ ଜଣେ ମହିଳାଙ୍କୁ ଉଠାଇ ନେଇ ଗଣ ବଳାତ୍କାର କରାଯିବା ଘଟଣାର ୬ ଦିନ ବିତି ଯାଇଥିଲେ ମଧ ପୋଲିସ କାହାରିକୁ ଗିରଫ କରି ପାରିନି। ଏହାର ପ୍ରତିବାଦରେ ପଶ୍ଚିମ ମୟୂରଭଞ୍ଜ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଗୁରୁବାର ରରୁଆଁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଯଶୀପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ରରୁଆଁ ସହର ପରିକ୍ରମା କରି ଥାନା ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଶତାଧିକ ମହିଳା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବ ଭାଜପା

**ଉଦଳା,୨୧।୧୦(ଡି.ଏନ.ଏ.)**

ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୟୂରଭଞ୍ଜ ଜିଲା ଗସ୍ତକୁ ଭାଜପା ବିରୋଧ କରିବ ବୋଲି ଦଳର ରାଜ୍ୟ ଉପସଭାପତି ତଥା ଉଦଳା ବିଧାୟକ ଭାସ୍କର ମଢ଼େଇ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଦଳା ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ମୋଦି, ପ୍ରମିଳା ପଣ୍ଡା, ପ୍ରଭାତ ପରିଡ଼ା ଓ ଧୀରେନ୍ଦ୍ର ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ବହୁ ମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ବାଣ୍ଟିବାକୁ ଆସୁଥିବା ବେଳେ ଜିଲାର ୬ ଭାଜପା ବିଧାୟକଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ନିମନ୍ତ୍ରଣ କରାଯାଇନାହିଁ । ଯାହାକି ଏହା ସରକାରୀ ନୁହେଁ ବରଂ ବିଜେଡିର ଦଳୀୟ କାର୍ଯ୍ୟକ୍ରମ ଭାବରେ ଆୟୋଜନ କରାଯାଉଥିବା ବିଧାୟକ ମଢ଼େଇ କହିଛନ୍ତି।

# ସଂରକ୍ଷଣ ବ୍ୟବସ୍ଥାକୁ ନେଇ ୩୪୯ ଅଭିଯୋଗ

**କେନ୍ଦୁଝର, ୨୧।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ କରାଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଅଭିଯୋଗ ଗ୍ରହଣ ଶେଷ ହୋଇଛି। ଗତ ୬ ଦିନରେ ସମୁଦାୟ ୩୪୯ଟି ଅଭିଯୋଗ ଗ୍ରହଣ ହୋଇଛି। ୧୧ରୁ ୧୬ ତାରିଖ ମଧ୍ୟରେ ଏହି ଅଭିଯୋଗ ଗ୍ରହଣ ହୋଇଥିବା ବେଳେ ଆସନ୍ତା ୨୬ରେ ଜିଲାପାଳ ସବିଶେଷ ଅଭିଯୋଗକୁ ରାଜ୍ୟ ନିର୍ବାଚନ କମିଶନ ଓ ପଞ୍ଚାୟତରାଜ ବିଭାଗକୁ ଜଣାଇବେ।

# ବାଲେଶ୍ୱରରେ ପୋଲିସ ଶହୀଦ ଦିବସ

**ବାଲେଶ୍ୱର ଅଫିସ, ୨୧।୧୦**

ବାଲେଶ୍ୱର ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୬୨ତମ ପୋଲିସ ଶହୀଦ ଦିବସ ଗୁରୁବାର ରିଜର୍ଭ ପୋଲିସ ପଡ଼ିଆରେ ନିରାଡ଼ମ୍ବର ଭାବେ ପାଳନ ହୋଇଛି। ଏହି ଅବସରରେ ପ୍ରଥମେ ଶହୀଦ ପୋଲିସମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଯୋଗଦେଇ ଆୟୋଜିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ଦେଶ ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୋଲିସମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୯୬୦ ମସିହାରୁ ପାଳନ କରାଯାଇ ଆସୁଥିବା ଏହି ଦିବସ ଆମ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଦିବସ। ଦେଶର ଅଖଣ୍ଡତା ତଥା ଶାନ୍ତି ରକ୍ଷା ସହିତ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି ସେବା କ୍ଷେତ୍ରରେ ଓଡ଼ିଶା ପୋଲିସ ବୋଲି ପ୍ରକାଶ କରିଥିଲେ।

### ପ୍ରତ୍ୟାଖ୍ୟାନ କଲେ ଗଣମାଧ୍ୟମ ପ୍ରତିନିଧି

ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କୌଣସି ସୂଚନା ପ୍ରଦାନ ନ କରିବା ପାଇଁ ଗତ ସେପ୍ଟେମ୍ବର ୨୯ତାରିଖରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ୍ ଚିଠି (ନଂ. ୬୯୦)ରେ ଜିଲାର ସମସ୍ତ ଡିଏସ୍‌ପି, ଏସ୍‌ଡିପିଓ, ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ପ୍ରତିବାଦରେ ପୋଲିସ୍ ଦିବସର ନିମନ୍ତ୍ରଣ ପାଇ ମଧ କୌଣସି ଗଣମାଧ୍ୟମ ପ୍ରତିନିଧି ଦିବସ ପାଳନ ହେଉଥିବା ପଡ଼ିଆକୁ ନ ଯାଇ ବାହାରେ ଏକାଠି ହୋଇଥିଲେ। ଏହା ଦେଖି ଡିଏସ୍‌ପି ମାନସ ଦେଓ, ଡିଏସ୍‌ପି ଅମୂଲ୍ୟ ଧର, ଡିଏସ୍‌ପି ବଳରାମ ନାୟକ, ଡିଏସ୍‌ପି ବ୍ରଜେଶ୍ୱରୀ ବଳ, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଦିବସ ପାଳନ ପରେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କଠାରେ ପହଞ୍ଚି ଚିଠି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ଥିବା ପ୍ରତ୍ୟେକ ଥାନାର ଆଇଆଇସି ଏବଂ ଏସ୍‌ଡିପିଓଙ୍କ ସମେତ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ଡିଏସ୍‌ପି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗଣମାଧ୍ୟମ ପ୍ରତିନିଧିମାନେ ଶାନ୍ତ ପଡିଥିଲେ।

# ଏରିଆ ହସ୍ପିଟାଲ ଦାବିରେ ଗଣଧାରଣା

**ବନ୍ତ,୨୧।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲ୍ଲା ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏରିଆ ହସପିଟାଲ ଦାବିରେ ଗୁରୁବାର ଡାକ୍ତରଖାନା ପରିସରରେ ସିପିଆଇ ତରଫରୁ ଦିବାରାତ୍ର ଗଣଧାରଣା ଆରମ୍ଭ ହୋଇଛି । ପ୍ରାରମ୍ଭରେ ଶତାଧିକ ସାଥୀ ସମର୍ଥକ ମାନେ ବ୍ୟାନର ଓ ପତାକା ଧରି ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଡାକ୍ତରଖାନା ପରିସରରେ ପହଞ୍ଚି ଥିଲେ । ଧାରଣା ସ୍ଥଳରେ ସିପିଆଇର ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଗୋପବନ୍ଧୁ ସେଠୀ, ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ପରମେଶ୍ୱର ବାରିକ, ଫକୀର ଚରଣ ବିଶ୍ୱାଳ ପ୍ରମୁଖ ବନ୍ତ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟ ରାଜପଥ ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଥିବା ବେଳେ ଏହା ଉପରେ ୧୫ ପଞ୍ଚାୟତର ଲୋକ ନିର୍ଭର କରୁଛନ୍ତି। କିନ୍ତୁ ସାଧାରଣଲୋକଙ୍କୁ ଜରୁରୀ ସେବା ଯୋଗାଇ ଦିଆଯାଇପାରୁନାହିଁ । ଦିନ ୪ଟା ପରେ ସ୍ୱାସ୍ଥ୍ୟ କେନ୍ଦ୍ର ବନ୍ଦ ହୋଇଯାଉଛି। ଗତ ୧୦ ବର୍ଷ ଧରି ସିପିଆଇ ପକ୍ଷରୁ ଆନ୍ଦୋଳନ ମାଧ୍ୟମରେ ଦାବି କରାଯାଉଥିଲେ ମଧ ସରକାର ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ଫଳରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏରିଆ ହସ୍ପିଟାଲର ମାନ୍ୟତା ଦେବା ସହିତ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଗଣଧାରଣା ଚାଲୁ ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଧାରଣାରେ କିଶୋର ବେହେରା, ପବିତ୍ର ସେଠୀ, ପର୍ଶୁରାମ ସ୍ୱାଇଁ, ରତିକାନ୍ତ ଜେନା, ଦୁଲ୍ଲା ଖାଁ, ଅଭିମନ୍ୟୁ ଜେନା, ଜୟନ୍ତ ଜେନା, ରବିନ୍ଦ୍ର ସେଠୀଙ୍କ ସମେତ ଅନ୍ୟମାନେ ଧାରଣାରେ ବସିଛନ୍ତି । ପ୍ରାରମ୍ଭରେ ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ଆସି ଧାରଣା ସ୍ଥଳ ବୁଲି ଯାଇଥିଲେ ମଧ ଖବର ଲେଖା ହେବା ପର୍ଯ୍ୟନ୍ତ ଅନ୍ୟ କୌଣସି ଉଚ୍ଚ ଅଧିକାରୀ ଆସି ନ ଥିବା ଜଣାଯାଇଛି ।



ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସିପିଆଇ କର୍ମୀ।

ଅଡିଓ ଭାଇରାଲ ଘଟଣା

## ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ନିଲମ୍ବିତ

**ବାଲେଶ୍ୱର ଅଫିସ:** ଅଡିଓ ଭାଇରାଲ ଘଟଣାରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ତିଳୋତ୍ତମା ପଣ୍ଡାଙ୍କୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିଲମ୍ବିତ କରିଛନ୍ତି। ସୁଗୋ ଗ୍ରାମର ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବା ସମ୍ପର୍କରେ ଅଡିଓ ଭାଇରାଲ ହେବା ପରେ ଗୁରୁବାର ଜିଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

### ଆଜି କ'ଣ କେଉଁଠି

ବାଲେଶ୍ୱର

- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତାଲିମ ଶିବିର। ସ୍ଥାନ: ସିମୁଳିଆ ବ୍ଲକ ରିସର। ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।

## ବଢୁଛି ଠକେଇ: ଦୃଶ୍ୟମାନ ପାଇପ ଯୋଗେ ତେଲ ଦେବାକୁ ଦାବି

ରୂପସା, ୨୧।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ସମେତ ରାଜ୍ୟବ୍ୟାପୀ ସମସ୍ତ ପେଟ୍ରୋଲ ପମ୍ପରେ ତୈଳ ଠକେଇ ରୋକାଯିବା ପାଇଁ ଦୃଶ୍ୟମାନ ପାଇପ୍ ଯୋଗେ ଗ୍ରାହକଙ୍କୁ ତେଲ ପ୍ରଦାନ କରାଯିବାକୁ ଦାବି ହୋଇଛି। ପେଟ୍ରୋଲ ପମ୍ପଗୁଡିକ୍‌ରେ ବିଭିନ୍ନ ସମୟରେ ଗ୍ରାହକମାନେ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଆସୁଛି। ଏଠାରେ ଜିରୋ ପରେ ୪ କିମ୍ବା ୫ରୁ କାଉଣ୍ଟିଂ ଆରମ୍ଭ ହେଉଥିବା ଦେଖିବାକୁ ମିଳୁଛି। ଦୃଶ୍ୟମାନ ପାଇପ୍‌ରେ ପେଟ୍ରୋଲ ଓ ଡିଜେଲ ଦିଆଯାଉ ନ ଥିବାରୁ ବାଇକ, ଭ୍ୟାନର ଟାଙ୍କି ଭିତରକୁ ଠିକ୍ ପରିମାଣରେ ତେଲ ଯାଉଛି କି ନାହିଁ ସେନେଇ ସନ୍ଦେହ ଦେଖାଦେଇଛି। ଏ ସମ୍ପର୍କରେ ସରକାର ଓ ତୈଳ କମ୍ପାନୀ ନଜର ଦେଇ ଦୃଶ୍ୟମାନ ପାଇପ୍‌ରେ ତୈଳ ପ୍ରଦାନ ପାଇଁ ରାଜଘାଟ ଅଞ୍ଚଳର ସାମାଜିକ କର୍ମୀ ଦୀପ୍ତିମାନ ପତି ଦାବି କରିଛନ୍ତି। ଏହାଦ୍ୱାରା ବିକ୍ରେତା ଓ ଗ୍ରାହକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସୃଷ୍ଟି ହୋଇପାରିବ ବୋଲି ସେ ଏକ ପ୍ରେସ ବିବୃତିରେ କହିଛନ୍ତି।

## ଗଳିତ ମୃତଦେହ ଜବତ

ଭଦ୍ରକ ଅଫିସ, ୨୧।୧୦- ୧୬ନଂ. ଜାତୀୟ ରାଜପଥର ରାଣୀତାଲ ଛକ ନିକଟରୁ ଗୁରୁବାର ପୋଲିସ ଏକ ଗଳିତ ମୃତଦେହ ଜବତ କରିଛି। ଲୁଙ୍ଗି ଓ ସାର୍ଟ ପିନ୍ଧା ଅବସ୍ଥାରେ ମୃତଦେହଟି ପଡିଥିବା ବେଳେ ମୃତକଙ୍କ ପରିଚୟ ମିଳି ପାରିନାହିଁ। ମୃତଦେହଟି କିଛିଦିନ ପୂର୍ବରୁ ପଡ଼ିରହିଥିବା ଅନୁମାନ କରାଯାଉଛି। ରାଜପଥ ସମ୍ପ୍ରସାରଣ ବେଳେ ରାଜପଥ ଖୋଳାଯାଇଥିବା ଖାଲରେ ମୃତଦେହଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଦେଖିବା ପରେ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ଖବର ଦେଇଥିଲେ। ତଦନ୍ତ ପରେ ସ୍ପଷ୍ଟ ସୂଚନା ଜଣାପଡ଼ିବ ବୋଲି ପୋଲିସ କହିଛି।

## ୩୧ରେ ଜିଲା ଭଲିବଲ ପ୍ରତିଯୋଗିତା

ବାଲେଶ୍ୱର ଅଫିସ, ୨୧।୧୦-ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆସନ୍ତା ୩୧ ତାରିଖରେ ମିଶନ ହାଇସ୍କୁଲ ପଡ଼ିଆଠାରେ ଜିଲା ପୁରୁଷ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଂଶଗ୍ରହଣ କରିବାକୁ ଥିବା ଜିଲାର ଆଗ୍ରହୀ ଭଲିବଲ ଦଳ ସେମାନଙ୍କର ନିର୍ଦ୍ଦିଷ୍ଟ ଫର୍ମରେ ଆସନ୍ତା ୨୮ତାରିଖ ସୁଦ୍ଧା ଜିଲା କ୍ରୀଡ଼ା ସଂଘ ଅଫିସରେ ଦାଖଲ କରିବାକୁ କ୍ରୀଡାସଂଘ ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଜଣାଇଛନ୍ତି। ଏ ସମ୍ପର୍କରେ ସବିଶେଷ ତଥ୍ୟ ଜଣିବା ପାଇଁ ଆସୋସିଏଶନର ଯୁଗ୍ମ ସମ୍ପାଦକ (ଭଲିବଲ) ଜଗଦୀଶ ବେହେରାଙ୍କର ମୋବାଇଲ ଫୋନ(ନଂ. ୭୩୮୧୯୫୧୦୧୫)ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଆଗ୍ରହୀ ସମସ୍ତ ଭଲିବଲ ଟିମ୍ ଆସନ୍ତା ଅକ୍ଟୋବର ୩୧ତାରିଖ ପୂର୍ବାହ୍ନ ୯ଟାରୁ ୧୦ଟା ମଧ୍ୟରେ ମିଶନ ହାଇସ୍କୁଲ ପଡ଼ିଆରେ ଉପସ୍ଥିତ ରହି ରେଜିଷ୍ଟ୍ରେଶନ କରାଇବେ। ଏହି ପ୍ରତିଯୋଗିତା ୩୧ତାରିଖ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ଅଂଶଗ୍ରହଣ କରିଥିବା ଖେଳାଳିଙ୍କ ମଧ୍ୟରୁ ଜିଲା ସିନିୟର ଭଲିବଲ ଟିମ୍ ପାଇଁ ଖେଳାଳି ମନୋନୀତ କରାଯାଇ ଆସନ୍ତା ନଭେମ୍ବର ୧୧ରୁ ୧୪ତାରିଖ ପର୍ଯ୍ୟନ୍ତ ଫୁଲବାଣୀ ଜିଲାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ ଜିଲା ସିନିୟର ଭଲିବଲ୍ ପ୍ରତିଯୋଗିତାରେ ବାଲେଶ୍ୱର ଜିଲା ତରଫରୁ ପ୍ରତିନିଧିତ୍ୱ କରିବେ।

## ବଗାଳ ଜାତି ସଂଘର ନୂଆ କର୍ମକର୍ତ୍ତା

ବାରିପଦା ଅଫିସ,୨୧।୧୦-ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବିରେଶ୍ୱରପୁର ସ୍ଥିତ ମୁନିସମାଜ ପଡ଼ିଆଠାରେ ବଗାଳ ଜାତି ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ଏ ନେଇ ସଂଘର ବରିଷ୍ଠ ଉପଦେଷ୍ଟା ରମେଶ ଚନ୍ଦ୍ର ଖିଲାରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସଭାପତି ଭାବେ ମୋହନ ବଗାଳ, ଉପସଭାପତି ରମାକାନ୍ତ ରାଉତ, ସାଧାରଣ ସମ୍ପାଦକ ବିପ୍ର ଚରଣ ବଗାଳ, ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ କଂଗ୍ରେସ ରାଉତ, ସହ କୋଷାଧ୍ୟକ୍ଷ ପ୍ରଫୁଲ୍ଲ ବଗାଳ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବଗାଳ, ବଲାଇ ବଗାଳ, ଟିକମ ରାଉତ, ବିଶନ ରାଉତ ପ୍ରମୁଖ ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ବଗାଳ ସମ୍ପ୍ରଦାୟର ଲୋକଙ୍କ ସାମୁହିକ ବିକାଶ ପାଇଁ ଏହି ସଂଘ ଦୀର୍ଘ ଦିନ ଧରି କାର୍ଯ୍ୟ କରି ଆସୁଥିବା ଜଣାପଡ଼ିଛି।

# ସ୍ଥାୟୀ ଡିଏଫ୍‌ଓ ନିଯୁକ୍ତି ଦାବିରେ ବିକ୍ଷୋଭ

ଚାନ୍ଦବାଲି,୨୧।୧୦(ଡି.ଏନ.ଏ.)



କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଚାନ୍ଦବାଲିରେ ଅବସ୍ଥାପିତ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟରେ ଦୀର୍ଘ ଦିନ ହେବ ଅସ୍ଥାୟୀ ଡିଏଫଓ ନିଯୁକ୍ତି ପାଉଛନ୍ତି। ସ୍ଥାୟୀ ଡିଏଫ୍‌ଓ ନିଯୁକ୍ତି ଦାବିରେ ଚାନ୍ଦବାଲି ବନ୍ୟପ୍ରାଣୀ ବିଭାଗ ସଂଘର୍ଷ ସମିତି ପକ୍ଷରୁ ଗୁରୁବାର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର୍ଷ ସମିତିର ଅଭିଯୋଗ ଅନୁଯାୟୀ, ଯେଉଁ ଡିଏଫ୍‌ଓମାନେ ଅସ୍ଥାୟୀ ଭାବେ ଦାୟିତ୍ୱ ନେଉଛନ୍ତି ସେମାନେ ଚାନ୍ଦବାଲିରୁ ଏହି କାର୍ଯ୍ୟାଳୟକୁ ଉଠାଇନେବାକୁ ମସୁଧା କରୁଛନ୍ତି। ଚାନ୍ଦବାଲିରୁ ଏହି କାର୍ଯ୍ୟାଳୟ ଉଠିଯିବା ପାଇଁ ବିଗତ ଦିନରେ ୪ ଥର ପ୍ରସ୍ତାବ ଆସିବା ପରେ ଚାନ୍ଦବାଲିବାସୀ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସ୍ଥାୟୀ ଡିଏଫ୍‌ଓ ନିଯୁକ୍ତି ନ ହେଲେ ଅସ୍ଥାୟୀ ଡିଏଫ୍‌ଓଙ୍କୁ କାର୍ଯ୍ୟରେ ଯୋଗଦାନ କରିବାକୁ ଦିଆଯିବ ନାହିଁ ବୋଲି ସଂଘର୍ଷ ସମିତି ଚେତାବନୀ ଦେଇଛି। ଉଲ୍ଲେଖଯୋଗ୍ୟ, ରାଜନଗର ଡିଏଫ୍‌ଓ ଯଜ୍ଞଦତ୍ତ ପତି ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟରେ ଯୋଗଦେବା ପାଇଁ ଆସିବା ସମୟରେ ବିରୋଧ ହେବାରୁ ସେ ବାଲିଗାଁ କାର୍ଯ୍ୟାଳୟରେ ଦାୟିତ୍ୱ ନେବାକୁ ଯାଇଥିଲେ। ମାତ୍ର ସେଠାରେ ମଧ୍ୟ ସମିତି କାର୍ଯ୍ୟକର୍ତ୍ତା ପହଞ୍ଚି ବିରୋଧ କରିବାରୁ ସେ ଦାୟିତ୍ୱ ନ ନେଇ ରାଜନଗର ଫେରିଯାଇଥିବା ସୂଚନା ମିଳିଛି।

# ଦୀକ୍ଷାରମ୍ଭ ଉତ୍ସବ

ବାଙ୍ଗିରିପୋଷି,୨୧।୧୦(ଡି.ଏନ.ଏ.)

ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକାଦଶ ଶ୍ରେଣୀର କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶ୍ରେଣୀ ପାଇଁ ଦୀକ୍ଷା ଆରମ୍ଭ ଉତ୍ସବ ନବାଗତ ଛାତ୍ରୀଛାତ୍ରୀ ଓ ଅଭିଭାବକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ପୁଷ୍ପା ପାତ୍ରଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜର ପ୍ରଶାସନିକ ଅଧିକାରୀ ତଥା ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସତ୍ୟ ନାରାୟଣ ସାମଲ, ଅର୍ଥନୀତି ବିଭାଗର ମୁଖ୍ୟ ହରିହର ଶଙ୍ଖୁଆ, ଗଣିତ ବିଭାଗର ମୁଖ୍ୟ ଦେବାଶିଷ ମହାପାତ୍ର, ସଂସ୍କୃତ ବିଭାଗର ମୁଖ୍ୟ ପରେଶ ଚନ୍ଦ୍ର ଦାଶ, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ.ପ୍ରବୀର କୁମାର ରାଉତ, କମ୍ପ୍ୟୁଟର ବିଜ୍ଞାନର ମୁଖ୍ୟ ସରୋଜ ପ୍ରଧାନ ଓ ଗାନ୍ଥାଗାରିକ କରୁଣାକର ବାରିକ ଯୋଗଦେଇ ନବାଗତମାନଙ୍କୁ କଲେଜର ଶୃଙ୍ଖଳା ବୋଧ ସମ୍ପର୍କରେ ସୂଚନା ଦେଇଥିଲେ। ରାସାୟନିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ବୀରେନ୍ଦ୍ର ନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାରେ ପ୍ରାଧାପକ ଅଶୋକ ମହାପାତ୍ର, ନିର୍ମଳ ଚନ୍ଦ୍ର ସାହୁ, ରତିକାନ୍ତ ବେହେରା, ଅଧାପିକା କିରଣ ପାଠକ, ଚିତ୍ତି ଦାସ, ହିରଣ୍ମୟୀ ପ୍ରଧାନ, ପାୟଲପ୍ରତୀ ଲଗ୍ନା ଓ ମମତାରାଣି ମିଶ୍ର ଅଂଶଗ୍ରହଣ କରିଥିଲେ। ନବେ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ର ଧରଣୀଧର ପାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ନୂଆଗାଁ ପଞ୍ଚାୟତ ହାଟ, ଡାକବଙ୍ଗଳା ନିଲାମ ବନ୍ଦ

ବାଲିଆପାଳ, ୨୧।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ହାଟ ଓ ପଞ୍ଚାୟତ ଅଧୀନରେ ଥିବା ଜମୁନାଶୂଳ ଡାକବଙ୍ଗଳାକୁ ନିଲାମ ଦେବା ପାଇଁ ପଞ୍ଚାୟତ ପକ୍ଷରୁ ଗୁରୁବାର ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୈଠକ ବସିଥିଲା। ପୂର୍ବ ନିଲାମଧାରୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷଙ୍କ ବିରୋଧ ଯୋଗୁ ନୂଆଗାଁ ସରପଞ୍ଚ ପ୍ରୀତିସୁଷମା ଦଳାଇ ନିଲାମ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ଦେହୁରୀ ସୂଚନା ଦେଇଛନ୍ତି।

ନୂଆଗାଁ ପଞ୍ଚାୟତର ନୂଆଗାଁ ହାଟ ଏବଂ ସମୁଦ୍ର ବେଳାଭୂମିରେ ଥିବା ଜମୁନାଶୂଳ ଡାକବଙ୍ଗଳାକୁ ନିର୍ଦ୍ଦିଷ୍ଟ ଗୋଷ୍ଠୀ

### ପୂର୍ବ ଗୋଷ୍ଠୀଙ୍କ ବିରୋଧ

କମ୍ ପଇସାରେ ଦୀର୍ଘବର୍ଷ ଧରି ନିଲାମ ନେଇ ଲକ୍ଷ ଲକ୍ଷ ଟଙ୍କା ଲାଭ ଉଠାଇ ଆସୁଥିବା ଅଭିଯୋଗ ହୋଇଆସୁଥିଲା। ସରକାରୀ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇ ନିଲାମ କରିବା ପାଇଁ ଉପଜିଲାପାଳଙ୍କ ପାଖରେ ଲିଖିତ ଭାବେ ଦାବି ହୋଇଥିଲା। ଫଳରେ ଗୁରୁବାର ପଞ୍ଚାୟତ ପକ୍ଷରୁ ବିଧିବଦ୍ଧ ଭାବେ ନିଲାମ କାର୍ଯ୍ୟ କରିବା ପାଇଁ ନୋଟିସ୍ ମାଧ୍ୟମରେ ଗ୍ରାମବାସୀଙ୍କୁ ଜଣାଇ ଦିଆଯାଇଥିଲା। ତଦନୁଯାୟୀ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ଦେହୁରୀ, ସରପଞ୍ଚ ପ୍ରୀତିସୁଷମା ଦଳାଇ, ଜିଆରଏସ୍ ସୁବାସ ବିଶ୍ୱାଳ ପ୍ରମୁଖ ଗୁରୁବାର ନିଲାମ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ପୂର୍ବରୁ ନିଲାମଧାରୀ ଗୋଷ୍ଠୀ ସଚିନ୍ଦ୍ର ପାତ୍ର, କାର୍ତ୍ତିକ ପାତ୍ର, ଗଣେଶ ପାତ୍ର, ଲକ୍ଷ୍ମୀଧର ସ୍ୱାଇଁ, କମଳାକାନ୍ତ ଜେନା, ସୁରେଶ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ପାଖାପାଖି ୩ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଏକାଠି ହୋଇ ନିଲାମକୁ ବିରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର ନିଲାମ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଦୀର୍ଘଦିନ ଧରି ଅକ୍ତିଆରରେ ଥିବା ଡାକବଙ୍ଗଳା ନିଲାମକୁ ଭଣ୍ଡୁର କରିବା ପାଇଁ ଯୋଜନା କରାଯାଇଥିଲା ବୋଲି ପ୍ରଶାନ୍ତ କୁମାର ଦାସ, ହୃଷିକେଶ ପଣ୍ଡା,ପ୍ରଦୀପ ସାମନ୍ତରାୟ, ଅମୂଲ୍ୟ ପଣ୍ଡା, ଦୟାନିଧି ପରିଡା, ଲମ୍ବୋଦର ମିସ୍ତ୍ରୀ ଓ ପୁରସ୍ତମ ସେଠୀ ପ୍ରମୁଖ ଅଭିଯୋଗ କରିଛନ୍ତି।

# ୧୦ଜଣ ନେଲେ ଟାଏକୋଣ୍ଡୋ ପ୍ରଶିକ୍ଷଣ


ଶିବିରରେ ଟାଏକୋଣ୍ଡୋ ପ୍ରଶିକ୍ଷଣ ଦିଆଯାଉଛି।

ସିମୁଳିଆ, ୨୧।୧୦(ଡି.ଏନ.ଏ.)

ପ୍ରାଥମିକସ୍ତରରୁ ଛାତ୍ରୀଛାତ୍ରମାନଙ୍କୁ ଆତ୍ମରକ୍ଷା ସଚେତନତା ଶିକ୍ଷା ପ୍ରଦାନ ପାଇଁ ବାଲେଶ୍ୱର ଜିଲା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ କର୍ମଶାଳା ଆରମ୍ଭ ହୋଇଛି। ଗୁରୁବାର ସିମୁଳିଆ ବ୍ଲକର ସଦର ମହକୁମା ମାର୍କୋଣାର ରଘୁନାରାୟଣ ସ୍କୁଲ ପଡ଼ିଆରେ ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବ୍ଲାକବେଲ୍ଟ ଟ୍ରେନର ସ୍ୱଦେଶ ରାଉତ ୧୦ଜଣଙ୍କୁ ଟାଏକୋଣ୍ଡୋ ପ୍ରଶିକ୍ଷଣ ଦେଇଥିଲେ। ପ୍ରତ୍ୟେକ ସପ୍ତାହରେ ୩ ଦିନ ଏହି ପ୍ରଶିକ୍ଷଣ ଦିଆଯିବ। ରଘୁନାରାୟଣ ହାଇସ୍କୁଲର କ୍ରୀଡା ଶିକ୍ଷକ ବିଭୁଦତ୍ତ ରଥଙ୍କ ସମେତ ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନ ସଭାପତି ରମାକାନ୍ତ ପଣ୍ଡା ଓ ସମ୍ପାଦକ ସୁଜିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ପ୍ରତିଭା ଅନ୍ୱେଷଣ ଲାଗି ପ୍ରସ୍ତୁତି

ସୋର, ୨୧।୧୦(ଡି.ଏନ.ଏ.)

ସୋର ମିଳିତ ଶିକ୍ଷକ ମଞ୍ଚ ପକ୍ଷରୁ ଆସନ୍ତା ନଭେମ୍ବର ୧୪ ତାରିଖରେ ପାଳିତ ହେବାକୁ ଥିବା ଶିଶୁ ଦିବସ ଉପଲକ୍ଷେ ଏକ ବ୍ଲକସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ କମରପୁରସ୍ଥିତ ୟୁଜିୟୁପି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ମହେଶ୍ୱର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସମ୍ପାଦକ ରବିନାରାୟଣ ଦାସ ବିବରଣୀ ପାଠ କରିଥିଲେ। କରୋନା କଟକଣା ପାଇଁ ଅନ୍‌ଲାଇନ୍‌ରେ ନାଚ, ଗୀତ, କୁଇଜ୍, ବକ୍ତୃତା, ସୃଜନଶୀଳ ଲିଖନ, ଚିତ୍ରାଙ୍କନରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ବିଚାରପତିଙ୍କ ଦ୍ୱାରା ମୂଲ୍ୟାୟନ ପରେ ଶିଶୁ ଦିବସରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ।ମଧୁସୂଦନ ରାଉତ, ମହେଶ୍ୱର ବେହେରା, ଗୋପୀନାଥ ରାଉତ, ପ୍ରଫୁଲ୍ଲ ପଣ୍ଡା, ବିରେନ୍ଦ୍ର ପତି, ଗୌରୀଶଙ୍କର ସିଂ, ସଂଯୁକ୍ତା ବେସ୍ରା ଓ ତପସ୍ୱିନୀ ଖଟୁଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭୀମଭୋଇ ସାମର୍ଥ୍ୟ ଶିବିର


ଶିବିରରେ ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବାହାନଗା, ୨୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବାହାନଗା ସରକାରୀ ବିଦ୍ୟାଳୟ ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଭାଗର ଡାକ୍ତରଙ୍କ ଦ୍ୱାରା ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଦୃଷ୍ଟିବାଧିତ ୧୨୩, ଶ୍ରବଣବାଧିତ ୧୩୮, ମାନସିକ ଅନଗ୍ରସର ୧୨୦, ଅସ୍ଥିଶଲ୍ୟ ୨୮୫ଜଣଙ୍କ ସହ ମୋଟ ୬୬୬ଜଣ ଭିନ୍ନକ୍ଷମ ମହିଳା ପୁରୁଷ ଓ ଯୁବକମାନେ ପଞ୍ଜିକୃତ କରିବା ସହିତ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶିବିରକୁ ଆନୁଷ୍ଠାନିକ ଭାବେ ବାଲେଶ୍ୱର ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ରିଜୁନା କୁଆଁକବ ଉଦଘାଟନ କରିଥିଲେ । ଶିବିରକୁ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପରିଦର୍ଶନ କରିଥିଲେ। ତାଙ୍କ ସହ ଥିଲେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ଉପଜିଲାପାଳ ଈଶ୍ୱର ଆଶିଷ ପାଟିଲ୍।

## ଶହୀଦ ଦିବସରେ ସ୍ମୃତିସଭା

ଚାନ୍ଦବାଲି,୨୧।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ମତୋ ପୋଲିସ ଫାଣ୍ଡି ପରିସରରେ ଗୁରୁବାର ପୋଲିସ ଶହୀଦ ଦିବସ ପାଳିତ ହୋଇଛି । ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚାନ୍ଦବାଲି ଥାନାଧିକାରୀ କରୁଣାକର ରାଉତ, ମତୋ ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତିଙ୍କ ସମେତ କମଳାକାନ୍ତ ମହାନ୍ତି, ନବଘନ ସାମଲ, ନରେନ୍ଦ୍ର ବିଶ୍ୱାଳ, ସାଧୁଚରଣ ନାୟକ, ମନୋଜ ଭଳ ପ୍ରମୁଖ ଯୋଗ ଦେଇ ମତୋ ଅଞ୍ଚଳର ଶହୀଦ ପୋଲିସ ରାଜୀବ ଲୋଚନ ବେହେରାଙ୍କର ସ୍ମୃତିଚାରଣ କରିଥିଲେ। ମତୋ ମାଳବାଡ଼ ଗ୍ରାମର ରାଜୀବ ଲୋଚନ ବେହେରା ସୁନ୍ଦରଗଡ଼ ଜିଲା ହେମଗିରି ଥାନାରେ ପୋଲିସ ଏସ୍ଆଇ ଟ୍ରେନିଂରେ ଥିବା ସମୟରେ ୨୦୦୭ ମାର୍ଚ୍ଚ ୨୪ ତାରିଖରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ତାଙ୍କୁ ଶହୀଦ ଭାବେ ସମ୍ମାନିତ କରାଯାଇଥିଲା।

# ପୋଲିସ ଶହୀଦ ଦିବସ

ପାଟଣା,୨୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଭାଲିଆ ଡାଳ ହାଇସ୍କୁଲ ଓ ମୁଖ୍ୟାଳୟ ସ୍ଥିତ ଜିଏନ ହାଇସ୍କୁଲ ସ୍ୱାମପାଟଣାଠାରେ ଗୁରୁବାର ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏନେଇ ଭାଲିଆ ଡାଳ ହାଇସ୍କୁଲ ଠାରେ ଶହୀଦ ସଞ୍ଜୟ ଦାସଙ୍କୁ ପାଟଣା ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ସ୍ମୃତିଚାରଣ କରାଯାଇଛି। ସୂଚନାଯୋଗ୍ୟ ୨୦୧୭ରେ କୋରାପୁଟ ଜିଲା ସୁଙ୍କି ଘାଟିରେ ନକ୍ସଲଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ କନଷ୍ଟେବଳ ସଞ୍ଜୟ ଶହୀଦ ହୋଇଥିଲେ। ତାଙ୍କ ଘର କପୁଣ୍ଡି ପଞ୍ଚାୟତ ଚୁଟିଆପଶି ଗ୍ରାମରେ। ଅନୁରୂପ ଭାବେ ପାଟଣା ମୁଖ୍ୟାଳୟ ବଡ଼ପାଟଣା ଗ୍ରାମର ସବଇନ୍ସପେକ୍ଟର କମଳାକାନ୍ତ ନାଏକ, ବାଲେଶ୍ୱର ଜିଲା ସୋରରେ ଡ୍ୟୁଟିରେ ଥିବାବେଳେ ମୃତ୍ୟୁବରଣ କରୁଥିବାରୁ ତାଙ୍କ ଉଦ୍ଦେଶ୍ୟରେ ଜି.ଏନ୍. ହାଇସ୍କୁଲରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୟଙ୍କ ବିଧବା ପତ୍ନୀ ବିଣାପାଣି ଦାସ, ତାଙ୍କ ଭାଇ ବିଜୟଙ୍କ ଉପସ୍ଥିତିରେ ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ଏଏସ୍ଆଇ ପଦ୍ମାବତୀ ବିଶ୍ୱାଳ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## ସ୍ମୃତିଦିବସରେ ଶହୀଦଙ୍କୁ ମନେ ପକାଇଲେ

ଭଦ୍ରକ ଅଫିସ, ୨୧।୧୦

ଭଦ୍ରକ ପୋଲିସ ପକ୍ଷରୁ ଚରମ୍ପା ସ୍ଥିତ ରିଜର୍ଭ ପୋଲିସ ପଡ଼ିଆଠାରେ ୬୨ ତମ ଶହୀଦ ସ୍ମୃତି ଦିବସ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ତ୍ରିଲୋଚନ ମାଝି ଓ ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନାଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଯୋଗଦେଇ ଅମର ଯବାନ ଶହୀଦ ସ୍ମୃତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ଦେଶରେ ୩୭୭ଜଣ ପୋଲିସ ଶହୀଦ ହୋଇଥିବା ବେଳେ ଏଥିମଧ୍ୟରେ ଓଡ଼ିଶାରୁ ୨୬ ଜଣ ପୋଲିସ କର୍ମଚାରୀ ନିଜର କର୍ତ୍ତବ୍ୟ ସମ୍ପାଦନ ସମୟରେ ଶହୀଦ ହୋଇଛନ୍ତି।

## ଗଜଲକ୍ଷ୍ମୀ ପୂଜା

ଭଣ୍ଡାରିପୋଖରୀ, ୨୧।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ବଜାର ବଣିକ ସଂଘ ପକ୍ଷରୁ କଟକଣା ମଧ୍ୟରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହେଉଛି। ବଜାର କମିଟି ପକ୍ଷରୁ ଏହି ପୂଜା ପାଳିତ ହୋଇଆସୁଛି। ଏଥିରେ କର୍ତ୍ତା ଭାବେ ସୁଦିପ୍ତା ଶତପଥି ଓ ଅନିଲ କୁମାର ଶତପଥି ଦାୟିତ୍ୱ ତୁଲାଇଛନ୍ତି। ପୂଜକ ନନ୍ଦକିଶୋର ତ୍ରିପାଠୀ ବୈଦିକ ମନ୍ତ୍ରରେ ମା'ଙ୍କୁ ଆବାହନ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଦର୍ଶନ ବ୍ୟବସ୍ଥା ମଧ୍ୟ କରାଯାଇଛି । ପୂଜା ଉତ୍ସବକୁ ବଜାର କମିଟି ସଭାପତି କମଳାକାନ୍ତ ସାମଲ, ସମ୍ପାଦକ ରାଜେନ୍ଦ୍ର ଶତପଥୀଙ୍କ ସମେତ ଶ୍ୟାମସୁନ୍ଦର ଦାସ, ହୃଦାନନ୍ଦ ଦାସ, ନିଶିକାନ୍ତ ସୂତାର, କାଶିନାଥ ପରିଡା, ବିରେନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

# ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

ରୂପସା, ୨୧।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରସଲପୁର ପଞ୍ଚାୟତରେ ଗୁରୁବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସ୍ୱରୂପ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଏବଂ ସ୍ୱଚ୍ଛ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ପଞ୍ଚାୟତର ଅନ୍ୟ ଦଳର କର୍ମୀ ପତିତପାବନ ବେହେରା, ନାରାୟଣ ବେହେରା, ସୁଦାମଚରଣ ମାଝି, ବସନ୍ତ ମାଝି, ପୂର୍ଣ୍ଣଚନ୍ଦ୍ର ଖଟୁଆ, ଉଦୟନାଥ ମହାନ୍ତି, ପରବାସ ଧଳ ଓ ବିଦ୍ୟାଧର ବେହେରା ପ୍ରମୁଖ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ବିଧାୟକ ଦାସ ଏହି ନୂତନ କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସଭାପତି ଅକ୍ରୁର ତରେଇ, ପୂର୍ବତନ ସମିତିସଭ୍ୟ ସୁବ୍ରତ ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ଗୋକୁଳାନନ୍ଦ ବାରିକ, ପଞ୍ଚାୟତ ଯୁବସଭାପତି କମଳଲୋଚନ ପରିଡ଼ା, ରମେଶ ଚନ୍ଦ୍ର ପାଣି, ବରିଷ୍ଠ ବିଜେଡ଼ି ନେତା ଶ୍ରୀଧର ଗୋଚ୍ଛାୟତ, ବିନୋଦ ମହାନ୍ତି, ଅଜୟ ଦାସ ଏବଂ ଅପ୍ରତି ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ନୂତନ କର୍ମୀମାନଙ୍କୁ ବିଧାୟକ ଉତ୍ତରୀୟ ଦେଇ ସ୍ୱାଗତ କରୁଛନ୍ତି।

# ପୁଣି ଆରମ୍ଭ ହେବ ଶ୍ରୀରାମଚନ୍ଦ୍ର ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବାରିପଦା ଅଫିସ,୨୧।୧୦

ମୟୂରଭଞ୍ଜରେ ବନ୍ଦ ଥିବା ଶ୍ରୀରାମଚନ୍ଦ୍ର ମେମୋରିଆଲ ଚ୍ୟାଲେଞ୍ଜ ସିଲ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ ହେବ। ଏନେଇ ଜିଲା ଆଥଲେଟିକ ଆସୋସିଏଶନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ କୋଲକାତାର ପ୍ରସିଦ୍ଧ ମୋହନବାଗାନ କ୍ଲବ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କ୍ଲବର ସମ୍ପାଦକ ଦେବାଶିଷ ଦତ୍ତ ବାରିପଦା ଆସି ମହାରାଣୀ ରଶ୍ମିରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ଉପସ୍ଥିତିରେ ଆଲୋଚନା କରିଛନ୍ତି। ଜିଲା ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳଙ୍କ ଉଦ୍ୟମ କ୍ରମେ ମୟୂରଭଞ୍ଜ ରାଜପରିବାର ପକ୍ଷରୁ ମୋହନ ବାଗାନ କ୍ଲବର କର୍ମକର୍ତ୍ତାଙ୍କୁ ଏ ନେଇ ଅନୁରୋଧ କରାଯାଇଥିଲା। ମୋହନବାଗାନ କ୍ଲବ ସମ୍ପାଦକ ଦତ୍ତ ବାରିପଦା ଷ୍ଟାଡିୟମରେ ଚାଲିଥିବା ଭିତ୍ତିଭୂମିର ବିକାଶ ନେଇ ସନ୍ତୋଷ ବ୍ୟକ୍ତ କରିଥିବା ବେଳେ ନିର୍ମାଣାଧିନ ହଷ୍ଟେଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ତୃଣମୂଳ ସ୍ତରର ପ୍ରତିଭାବାନ ଖେଳାଳିଙ୍କୁ ନେଇ ବାରିପଦାଠାରେ ମୋହନବାଗାନ ଦଳ ପକ୍ଷରୁ ତାଲିମ ଶିବିର ଆୟୋଜନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ରାଜାରାଜୁଡ଼ା ସମୟରେ ମହାରାଜାମାନଙ୍କ ବ୍ୟକ୍ତିଗତ ଆଗ୍ରହ କାରଣରୁ ଏକଦା ମୟୂରଭଞ୍ଜର ଫୁଟବଲ ଦଳ ସଫଳତାର ଶୀର୍ଷକୁ ଯାଇପାରିଥିଲା। ୧୯୧୮ରେ ବାରିପଦା ଷ୍ଟାଡିୟମଠାରେ ଶ୍ରୀରାମଚନ୍ଦ୍ର ମେମୋରିଆଲ ଚ୍ୟାଲେଞ୍ଜ ସିଲ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ଯେଉଁଥିରେ କି ବିଦେଶୀ ଦଳମାନେ ମଧ୍ୟ ଅଂଶ ଗ୍ରହଣ କରିଥିବାର ନଜିର ରହିଛି। ରାଜତନ୍ତ୍ର ପରିସମାପ୍ତି ପରେ ମଧ୍ୟ ଦଶନ୍ଧି ଦଶନ୍ଧି ଧରି ମୟୂରଭଞ୍ଜର ଫୁଟବଲ ଖେଳାଳିମାନେ ସମଗ୍ର ଓଡ଼ିଶାରେ ନିଜର କୃତିତ୍ୱ ଅର୍ଜନ କରି ଆସୁଥିଲେ। ମାତ୍ର ଧିରେ ଧିରେ କ୍ରିକେଟ ଖେଳର ଲୋକପ୍ରିୟତା ସାଙ୍ଗକୁ ଆବଶ୍ୟକୀୟ ପୃଷ୍ଠପୋଷକତା ଓ ଭିତ୍ତିଭୂମି ଅଭାବରୁ ବର୍ତ୍ତମାନ ତାହା ଧିରେ ଧିରେ ମଳିନ ପଡ଼ିବାରେ ଲାଗିଛି। ମୟୂରଭଞ୍ଜ ଫୁଟବଲର ହୃତ ଗୌରବ ଫେରାଇ ଆଣିବା ପାଇଁ ବନ୍ଦ ଥିବା ଶ୍ରୀରାମଚନ୍ଦ୍ର ମେମୋରିଆଲ ଚ୍ୟାଲେଞ୍ଜ ସିଲ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ କରାଯିବା ପ୍ରୟାସକୁ ନେଇ ଫୁଟବଲ ପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।


ମହାରାଣୀ ରଶ୍ମିରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସହ ମୋହନବାଗାନ କ୍ଲବର ସମ୍ପାଦକ ଆଲୋଚନା କରୁଛନ୍ତି।

## ଯୋଗଶିକ୍ଷା କେନ୍ଦ୍ରରେ ଶିବମୁନିଙ୍କ ଜୟନ୍ତୀ

ରୂପସା, ୨୧।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଧୀନ ହାତିଆଡ଼ିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ମୁନି ସମାଜର ପ୍ରତିଷ୍ଠାତା ଆଦିମୁନିଶ୍ୱର ଶିବମୁନିଜୀଙ୍କର ୧୩୭ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମ ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ବାରିକ ଉତ୍ସବରେ ସଭାପତିତ୍ୱ କରି ସତ୍ୟ ପତାକା ଉତ୍ତୋଳନ କରିଥିଲେ। ସମୂହ ପ୍ରଣବ, ବେଦପାଠ କରାଯିବା ପରେ ଶିବମୁନିଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମିସ୍ତ୍ରୀ ଶିବମୁନିଜୀଙ୍କ ଜୀବନୀ ଏବଂ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଯୋଗ ଶିକ୍ଷୟିତ୍ରୀ କଳ୍ପନା ମିସ୍ତ୍ରୀ ଶିବ ବଚନାମୃତ ପାଠ କରିଥିଲେ। ଯୋଗ ଶିକ୍ଷୟିତ୍ରୀ ତଥା କଣ୍ଠଶିଳ୍ପୀ ମଞ୍ଜୁଲତା ବେହେରା ଗୁରୁବନ୍ଦନା ଗାନ କରିଥିଲେ। ମୁନିରାଜ୍ଞୀ ସୁମତୀ ଦଳାଇ ମୁନି ସଙ୍ଗୀତ ଗାନ କରିଥିଲେ। ମୁନିମତୀ ବାସନ୍ତୀ ମହାଳୀକ, ମୁନିରାଜ୍ଞୀ ବିମଳା ଲେଙ୍କା, ସୀତା ବେହେରା, ଯମୁନା ବର, ମିନତୀ ବର, ଊର୍ମିଳା ରାଉଳ, ରେଣୁକା ବେହେରା, ମୁନି ଗଣେଶ୍ୱର, ପ୍ରଫୁଲ୍ଲ ବାରିକ, ଗୋରହରି ବାରିକ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ।

